ଶନିବାର, ୮ ଫେବୃଆରୀ, ୨୦୨୫

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 51 Years



## ଖିଲି ଖିଲି ହସ

ଶିକ୍ଷକ: ରାହୁଲ କହିଲୁ, ସମ୍ରାଟ ଅଶୋକ କେବେ ପର୍ଯ୍ୟନ୍ତ ଶାସନ କରିଥିଲେ ?
ରାହୁଲ: ସାର୍, ପେଜ୍ ନଂ.-୧୪ରୁ ପେଜ୍ ନଂ. ୨୨ ପର୍ଯ୍ୟନ୍ତ ଶାସନ କରିଥିଲେ।

ସେଲ୍ସମ୍ୟାନ୍ : ସାର୍, କକ୍‌ରୋଚ୍ ପାଇଁ ପାଉଡର ନେବେ କି ?
ମିକୁ: ନା, ମୁଁ କକ୍‌ରୋଚ୍‌କୁ ଏତେ ବି ଭଲପାଏନି ଯେ, ତା' ପାଇଁ ପାଉଡର ନେବି ଏବଂ ପରେ କହିବ ମୋର ପର୍‌ଫ୍ୟୁମ୍ ଦରକାର !

ସ୍ୱାମୀ-ସ୍ତ୍ରୀ ରେଲ୍‌ୱେ ଷ୍ଟେଶନରେ ଠିଆ ହୋଇ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ସେଇ ସମୟରେ ଗୋଟେ ଟ୍ରେନ୍ ଆସିଲା, ଯେଉଁଥିରେ ଲେଖା ହୋଇଥିଲା ବମ୍ବେ ମେଲ୍। ସ୍ୱାମୀ ଦୌଡ଼ି ଯାଇ ଟ୍ରେନ୍‌ରେ ବସିପଡ଼ି କହିଲେ, ତୁମେ ଅପେକ୍ଷା କରିଥାଅ ଯେତେବେଳେ ବମ୍ବେ ଫିମେଲ୍ ଆସିବ, ସେତେବେଳେ ତୁମେ ଗାଡିରେ ଚଢ଼ିବ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.(0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

ଆମ ଠିକଣା
dharitrifeature@gmail.com

# ଲୋଭର ଫଳ




ଜଣେ ପଣ୍ଡିତ ବହୁତ ବର୍ଷ ହେଲା କାଶୀରେ ଶାସ୍ତ୍ର ଆଉ ବେଦ ଅଧ୍ୟୟନ କରୁଥିଲେ। ତାଙ୍କୁ ସବୁ ବେଦର ଜ୍ଞାନ ହୋଇଗଲା। ଏବେ ପଣ୍ଡିତଙ୍କୁ ଲାଗିଲା କି ଏବେ ସେ ନିଜ ଗାଁରେ ସବୁଠୁ ଜ୍ଞାନୀବ୍ୟକ୍ତି ଭାବରେ ଗଣାହେବେ। ଆଉ ତାଙ୍କ ଭିତରେ ଅହଙ୍କାର ଆସିଗଲା।

ତା'ପରଦିନ ପଣ୍ଡିତ ମହାଶୟ ନିଜ ଗାଁକୁ ଯିବାକୁ ବାହାରିଲେ। ଗାଁକୁ ଆସିଲାବେଳେ ବାଟରେ ଜଣେ କୃଷକ ତାଙ୍କୁ ପଚାରିଲେ, କ'ଣ ଆପଣ କହି ପାରିବେ କି ଆମ ସମାଜରେ ଲୋକେ ଦୁଃଖରେ କାହିଁକି ଅଛନ୍ତି?

ଏହାଶୁଣି ପଣ୍ଡିତ ମହାଶୟ କହିଲେ, ଲୋକଙ୍କ ପାଖରେ ଜିଇବା ପାଇଁ ପର୍ଯ୍ୟାପ୍ତ ସାଧନ ନାହିଁ। ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ତାଙ୍କ ପାଖରେ ଧନ ନାହିଁ। ସେଥିପାଇଁ ଲୋକ ଦୁଃଖରେ ଥାନ୍ତି। ଏବେ କୃଷକ କହିଲେ, ପଣ୍ଡିତ ମହାଶୟ ଯେଉଁ ଲୋକ ପାଖରେ ଧନସମ୍ପତ୍ତି ଅଛି ସେଭଳି ଅନେକ ମଧ୍ୟ ଦୁଃଖରେ ଅଛନ୍ତି। ମୋ ପାଖରେ ଧନ ସମ୍ପତ୍ତି ଅଛି ତଥାପି ମୁଁ କାହିଁକି ଦୁଃଖରେ ଅଛି?

ଏହା ଶୁଣି ସାରିବା ପରେ ପଣ୍ଡିତ ମହାଶୟ ଚିନ୍ତାରେ ପଡିଗଲେ। ଏହି ପ୍ରଶ୍ନର ଉତ୍ତରରେ କ'ଣ କହିବେ ଜାଣିପାରିଲେ ନାହିଁ। ଏବେ କୃଷକ କହିଲେ, ମୁଁ ଆପଣଙ୍କୁ ନିଜର ସବୁ ସମ୍ପତ୍ତି ଦାନ କରିଦେବି ଯଦି ଆପଣ ମୋ ଦୁଃଖର କାରଣକୁ ଖୋଜି ମୋତେ ଜଣାଇ ଦେବେ। ଏବେ ପଣ୍ଡିତ ମହାଶୟ ସମ୍ପତ୍ତି ପାଇବା ଲୋଭରେ କହିଲେ, ଠିକ୍ ଅଛି ମୁଁ କିଛି ଦିନ ପରେ ତୁମ ଦୁଃଖର କାରଣ ସମ୍ପର୍କରେ କହିବି। ଏହା କହି ପଣ୍ଡିତ ମହାଶୟ ପୁନଃ କାଶୀ ଚାଲି ଆସିଲେ। ସେ ଶାସ୍ତ୍ର ଆଉ ବେଦକୁ ପୁଣି ଥରେ ଅନୁଧ୍ୟାନ କରିଲେ, କିନ୍ତୁ କୃଷକଙ୍କ ପ୍ରଶ୍ନର କୌଣସି ଉତ୍ତର ପାଇଲେ ନାହିଁ। ଏବେ ପଣ୍ଡିତ ମହାଶୟ ଚିନ୍ତାରେ ପଡିଗଲେ। ସେ ଖାଲି ଭାବୁଥିଲେ କି ଯଦି କୃଷକର ପ୍ରଶ୍ନର ଉତ୍ତର ଦେଇ ନ ପାରିବେ, ତା'ହେଲେ କୃଷକର ସମ୍ପତ୍ତି ତାଙ୍କ ହାତ ମୁଠାରୁ ଚାଲିଯିବ।

ଏବେ ତାଙ୍କର ସାକ୍ଷାତ ଜଣେ ମହିଳାଙ୍କ ସାଙ୍ଗରେ ହେଲା, ଯିଏ ରାସ୍ତାରେ ଛିଡାହୋଇ ଭିକମାଗି ଜୀବନ ବିତାଉ ଥିଲେ। ସେ ପଣ୍ଡିତଙ୍କୁ ଦେଖି ତାଙ୍କ ଦୁଃଖର କାରଣ ବିଷୟରେ ପଚାରିଲେ। ପଣ୍ଡିତ ମହାଶୟ ତାଙ୍କୁ ସବୁକଥା କହିଲେ। ତା'ପରେ ସେ ମହିଳା ତାଙ୍କୁ କହିଲେ, ମୁଁ ଆପଣଙ୍କ ପ୍ରଶ୍ନର ଉତ୍ତର ଦେଇଦେବି ହେଲେ ଆପଣଙ୍କୁ ମୋ ସହିତ କିଛିଦିନ ରହିବାକୁ ପଡିବ।

ପଣ୍ଡିତ କିଛି ସମୟ ଚୁପ ରହି ଭାବିଲେ ଯେ, ସେ ଜଣେ ବ୍ରାହ୍ମଣ, ଯାଙ୍କ ସହିତ ସେ କେମିତି ରହି ପାରିବେ! ଯଦି ଯାଙ୍କ ସହିତ ରହିବେ ତା'ହେଲେ ତାଙ୍କ ଧର୍ମ ନଷ୍ଟ ହୋଇଯିବ। ତା'ପରେ ଭାବିଲେ, କିଛି ଦିନର ତ କଥା, ଯଦି ତାଙ୍କ ସହିତ ରହି ମୁଁ ମୋ ପ୍ରଶ୍ନର ଉତ୍ତର ପାଇଯିବି, ତା'ହେଲେ ସେଠାରୁ ଆସିବା ପରେ କୃଷକଙ୍କ ସବୁସମ୍ପତ୍ତିର ମାଲିକ ହୋଇଯିବି।


ଏକଥା ଭାବି ପଣ୍ଡିତ ମହାଶୟ ତାଙ୍କ ସହିତ ରହିବା ପାଇଁ ପ୍ରସ୍ତୁତ ହୋଇଗଲେ। କିଛିଦିନ ସେଠାରେ ରହିଲା ପରେ ବି ସେହି ମହିଳା ତାଙ୍କ ପ୍ରଶ୍ନର ଉତ୍ତର ଦେଲେ ନାହିଁ। ଏବେ ପଣ୍ଡିତ ମହାଶୟ ସେ ମହିଳାଙ୍କୁ କହିଲେ, ମୋ ପ୍ରଶ୍ନର ଉତ୍ତର କେବେ ମିଳିବ। ଏହାଶୁଣି ମହିଳା କହିଲେ, ଏବେ ଆପଣଙ୍କୁ ମୋ ହାତରନ୍ଧା ଖାଦ୍ୟ ଖାଇବାକୁ ପଡିବ। ପଣ୍ଡିତ ମହାଶୟ ବହୁତ କଷ୍ଟରେ ମାନିଗଲେ। ଯିଏ କାହା ହାତରୁ ପାଣି ପିଅନ୍ତି ନାହିଁ ଆଜି ସେ ଏହି ଗରିବ ଅପରିଷ୍କାର ମହିଳାଙ୍କ ହାତରନ୍ଧା ଖାଦ୍ୟ ଖାଇଲେ। ଏମିତି କିଛିଦିନ ବିତିଗଲା, ହେଲେ ପଣ୍ଡିତଙ୍କୁ ତାଙ୍କ ପ୍ରଶ୍ନର ଉତ୍ତର ମିଳିଲା ନାହିଁ। ଏବେ ସେ ମହିଳା କହିଲେ, ଆପଣଙ୍କୁ ମୋ ସହିତ ରାସ୍ତାରେ ଛିଡାହୋଇ ଭିକ ମାଗିବାକୁ ପଡିବ। କୃଷକଙ୍କ ପ୍ରଶ୍ନର ଉତ୍ତର ଜାଣିବାକୁ ଥିଲା ବୋଲି ସେ ସେ କାମ କରିବାକୁ ବି ପ୍ରସ୍ତୁତ ହୋଇଗଲେ। ହେଲେ ଏହାପରେ ବି ତାଙ୍କୁ କୃଷକଙ୍କ ପ୍ରଶ୍ନର ଉତ୍ତର ମିଳିଲା ନାହିଁ।

ଦିନେ ସେହି ମହିଳା ପଣ୍ଡିତଙ୍କୁ କହିଲେ ଯେ ଆଜି ଆପଣଙ୍କୁ ମୋର ଅଇଁଠା ଭୋଜନ ଖାଇବାକୁ ହେବ। ଏହା ଶୁଣି ପଣ୍ଡିତଙ୍କୁ ରାଗ ଲାଗିଲା। ଆଉ ସେ ତାଙ୍କ ଉପରେ ଚିତ୍କାର କରିବାକୁ ଲାଗିଲେ। କହିଲେ, ଯଦି ତୁମକୁ ପ୍ରଶ୍ନର ଉତ୍ତର ଜଣା ଅଛି ତା'ହେଲେ କୁହ ନଚେତ୍ ମତେ ଏଭଳି ବାଜେ କଥା କୁହ ନାହିଁ। ଏହା ଶୁଣି ସେ ମହିଳା ଟିକିଏ ହସି କହିଲେ, ପଣ୍ଡିତ ମହାଶୟ ଏହା ତ ଥିଲା ଆପଣଙ୍କ ପ୍ରଶ୍ନର ଉତ୍ତର। ଏଠାକୁ ଆସିବା ପୂର୍ବରୁ ଆପଣ କାହା ହାତର ପାଣି ପିଉ ନ ଥିଲେ। ମୋ ଭଳି ମହିଳାଙ୍କୁ ଆପଣ ଜମାରୁ ପସନ୍ଦ କରନ୍ତି ନାହିଁ। କିନ୍ତୁ କୃଷକର ସମ୍ପତ୍ତି ଲୋଭରେ ଆପଣ ମୋ ସାଙ୍ଗରେ ରହିବା ପାଇଁ ପ୍ରସ୍ତୁତ ହୋଇଗଲେ। ପଣ୍ଡିତ ମହାଶୟ, ମନୁଷ୍ୟର ଲୋଭ ଆଉ ଜୀବନରେ ବଢୁଥିବା ଇଚ୍ଛା ହିଁ ତା ଦୁଃଖର କାରଣ। ଯାହା ତାକୁ ସବୁକିଛି କରିବାକୁ ବାଧ୍ୟ କରିଦିଏ।

- **ମନୋଜ କୁମାର ବେହେରା**
ବାୟାବାବା ମଠ ଲେନ୍, ୟୁନିଟ୍-୯, ଭୁବନେଶ୍ୱର
ମୋ: ୭୯୭୮୪୩୦୬୧୧


# ଅତିବାଇଗଣୀ ରଶ୍ମି ଦେଖିପାରନ୍ତି

ପ୍ରକୃତିରେ ଅନେକ ବିସ୍ମୟ ରହିଛି। ଆମ ଆଖିକୁ ସାଧାରଣ ମନେହେଉଥିଲେ ବି ଏଭଳି ବହୁ ପ୍ରାଣୀ ଅଛନ୍ତି ଯେଉଁମାନଙ୍କ ପାଖରେ ଆଶ୍ଚର୍ଯ୍ୟଜନକ ସ୍ୱତନ୍ତ୍ରତା ରହିଛି। ସେମିତି ଏକ ବିସ୍ମୟ ମହୁମାଛି। ଏମାନଙ୍କ ପାଖରେ ଅନେକ ଅଦ୍ଭୁତ ଦକ୍ଷତା ରହିଛି। କେବଳ ଆଣ୍ଟାର୍କଟିକା ବ୍ୟତୀତ ବିଶ୍ୱର ଅନ୍ୟ ସବୁ ସ୍ଥାନରେ ଏମାନେ ରହିପାରନ୍ତି। ସୂର୍ଯ୍ୟକିରଣରେ ଥିବା ଅତିବାଇଗଣି ରଶ୍ମିକୁ ଏମାନେ ଦେଖିପାରନ୍ତି। ମହୁମାଛି ହେଉଛି ଏକମାତ୍ର ଜୀବ ଯିଏକି ମନୁଷ୍ୟ ପାଇଁ ଖାଇବାଯୋଗ୍ୟ ଉପଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିପାରେ।



ଗୋଟିଏ ମହୁଫେଣାରେ ଗୋଟିଏ ରାଣୀ ମହୁମାଛି ଓ ଅନେକଗୁଡ଼ିଏ ନର ଓ ଶ୍ରମିକ ମହୁମାଛି ରହିଥାନ୍ତି। ଏମାନେ ନୃତ୍ୟ ମାଧ୍ୟମରେ ଖବର ପ୍ରେରଣ କରିଥାନ୍ତି। ୧ ମିନିଟ୍‌ରେ ୧୧,୪୦୦ ଥର ନିଜ ପର ହଲାଇଥାନ୍ତି। ଘଣ୍ଟା ପ୍ରତି ୨୪ କିଲୋମିଟର ବେଗରେ ଉଡିପାରନ୍ତି। ଗୋଟିଏ ମହୁମାଛି ଦିନକୁ ୨୦୦୦ ଫୁଲ ଉପରେ ବସିପାରେ ଓ ନିଜ ଜୀବନକାଳ ମଧ୍ୟରେ ୦.୮ ଗ୍ରାମ୍ ମହୁ ପ୍ରସ୍ତୁତ କରିପାରେ। ମହୁମାଛିଙ୍କ ଭଳି ବିଲେଇ, କୁକୁର, ବତକ ଓ ମୂଷା ମଧ୍ୟ ସୂର୍ଯ୍ୟଙ୍କର ଏହି ରଶ୍ମିକୁ ଦେଖିପାରନ୍ତି ବୋଲି ଅନୁସନ୍ଧାନରୁ ଜଣାପଡିଛି।

## ରଙ୍ଗଦିଅ



## ମତାମତ

▶▶ ତୁମ ତୂଳୀରେ ପ୍ରକାଶିତ ସରସ୍ୱତୀଙ୍କ ଫଟୋ ବହୁତ ଭଲ ହୋଇଥିଲା।
**- ରଞ୍ଜନ ମହାନ୍ତି, ରାଉରକେଲା**

▶▶ 'ପୂଜା ଆସିଛିରେ ସରସ୍ୱତୀ ପୂଜା' ପିଲାମାନେ କ'ଣ କଲେ ସେ ସମ୍ପର୍କରେ ଜାଣିବାକୁ ପାଇଲି।
**- ଅନନ୍ୟା ରାୟ, କଳିଙ୍ଗବିହାର, ଭୁବନେଶ୍ୱର**

▶▶ ବତକ ଆଖି ବନ୍ଦକରି କିପରି ଜାଣିପାରେ ସେ ସମ୍ପର୍କରେ ଜାଣିପାରିଲି।
**- ରୋହନ ସାହୁ, ଭଞ୍ଜନଗର**

# ନିଷ୍ପତ୍ତିରେ ଦ୍ୱନ୍ଦ୍ୱ...

**କୌଣସି ବିଷୟରେ ନିଷ୍ପତ୍ତି ନେବା ପୂର୍ବରୁ ପିଲାମାନେ ଭଲ ଭାବରେ ଚିନ୍ତା କରିବା ନିହାତି ଦରକାର। କାରଣ ଏହାର ସଂଯୋଗ ସେମାନଙ୍କର ଭବିଷ୍ୟତ ସହ ରହିଛି । ତେଣୁ ଏହି ସମୟରେ ଦ୍ୱନ୍ଦ୍ୱରେ ପଡୁଥିଲେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି..**



### ନିଜ ଲକ୍ଷ୍ୟକୁ ବୁଝିବା

ଯେତେବେଳେ ତୁମକୁ କୌଣସି ନିଷ୍ପତ୍ତି ନେବାର ଅଛି ଏବଂ ଏଭଳି ଅବସ୍ଥାରେ ତୁମେ କ'ଣ ଚାହୁଁଛ ତାହା ଭଲ ଭାବେ ଚିନ୍ତାକର । ଆଉ ନିଜର ଲକ୍ଷ୍ୟ ବିଷୟରେ ଭଲଭାବେ ବୁଝିବାକୁ ଚେଷ୍ଟା କର । ଯଦି ତୁମେ ଜାଣିପାର ଯେ, ତୁମକୁ କ'ଣ ଆବଶ୍ୟକ ତେବେ ନିଷ୍ପତ୍ତି ନେବା ଟିକେ ସହଜ ହୋଇପାରେ ।

### ଲାଭ-କ୍ଷତିର ତୁଳନା

ଥରେ ଯଦି ତୁମେ ନିଜ ଲକ୍ଷ୍ୟକୁ ନିର୍ଦ୍ଧାରଣ କରିନେଲ ତେବେ ତୁମକୁ ଯାହା ଦରକାର ତା'ର ଲାଭ-କ୍ଷତି ବିଷୟରେ ଭଲ ଭାବେ ଅବଗତ ହେବା ଜରୁରୀ । ପ୍ରଥମେ ନିଜ ଲକ୍ଷ୍ୟ ବିଷୟରେ ଏକ କାଗଜରେ ଲେଖି ତା'ର ତର୍ଜମା କରନ୍ତୁ । ଏହା ତୁମ ପାଇଁ କେତେ ଯୁକ୍ତିଯୁକ୍ତ ଏଥିରୁ ନିଜେ ଜାଣିପାରିବ ।

### ଗୁରୁଜନ

ଯଦି କୌଣସି ନିଷ୍ପତ୍ତିକୁ ନେଇ କନ୍‌ଫ୍ୟୁଜ୍ ଅଛ, ତେବେ ତୁମକୁ ସେ ବିଷୟରେ ସମସ୍ତଙ୍କ ସହିତ ଆଲୋଚନା କରିବା ଆବଶ୍ୟକ ନାହିଁ । କାରଣ ଅଧିକ ଲୋକଙ୍କ ସହିତ କଥା ଆଲୋଚନା କଲେ କନ୍‌ଫ୍ୟୁଜ୍ ହେବାର ଆଶଙ୍କା ରହିଛି । କିନ୍ତୁ ଯଦି କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଅନୁଭବ କର ଯେ ଏଇ ବ୍ୟକ୍ତିଙ୍କ ପରାମର୍ଶ ତୁମ ପାଇଁ ଜରୁରୀ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହାୟତା ନେଇପାରିବ ।

### ତରବର ହୁଅ ନାହିଁ

ନିଷ୍ପତ୍ତି ନେବା ସମୟରେ ତରବର ହୁଅ ନାହିଁ । ପ୍ରଥମେ ଘଟଣାକୁ ଭଲ ଭାବେ ବୁଝିଲା ପରେ ନିଷ୍ପତ୍ତି ନିଅ ।

### ଭାବପ୍ରବଣତା

ମନେରଖ, ଭାବନାରେ ଭାସିଯାଇ କୌଣସି ନିଷ୍ପତ୍ତି ନିଅନାହିଁ । ଏପରି କରିବା ଦ୍ୱାରା ନେଇଥିବା ନିଷ୍ପତ୍ତି ଭୁଲ ହୋଇପାରେ । ଏଥିପାଇଁ ମନକୁ ସବୁବେଳେ ଶାନ୍ତ ରଖିବାକୁ ଚେଷ୍ଟା କର । ଆଉ ଭାବନାକୁ ନିୟନ୍ତ୍ରିତ କରିବାପରେ ନିଷ୍ପତ୍ତି ନିଅ ।



### ତଥ୍ୟ ଜରୁରୀ

ଯଦି ନିଜେ ନିଷ୍ପତ୍ତି ନେବାରେ ଅସମର୍ଥ ତେବେ ତା ସହ ଜଡ଼ିତ ସବୁ ପ୍ରକାର ତଥ୍ୟ ସଂଗ୍ରହ କର । ଯେତେବେଳେ ସମସ୍ତ ତଥ୍ୟ ମୁଣ୍ଡରେ ରଖିଦେବ ତେବେ ନିଜେ ନିଷ୍ପତ୍ତି ନେବାରେ ସହଜ ହେବ ।


### ପ୍ରାଥମିକତା

ଯଦି ଏକସଙ୍ଗେ ଅନେକ ନିଷ୍ପତ୍ତି ନେବାର ଥାଏ ତେବେ ପ୍ରଥମେ ପ୍ରାଥମିକତାକୁ ବୁଝ । ଫଳରେ ତୁମକୁ ନିଷ୍ପତ୍ତି ନେବାରେ ସହଜ ହେବ ।

### ଛୋଟଛୋଟ ନିଷ୍ପତ୍ତିରୁ ଆରମ୍ଭ କର

ମନେରଖ, ଛୋଟ ଛୋଟ ନିଷ୍ପତ୍ତି ନେବାରୁ ଏହି କାର୍ଯ୍ୟ ଆରମ୍ଭ କର । ଯେମିତିକି ଶପିଂ କରିବା ସମୟରେ କିମ୍ବା ସାଙ୍ଗମାନଙ୍କ ସହିତ ମିଶିବା ସମୟରେ । ଏହିଭଳି ଧାରାକୁ ଆପଣାଇ ପାରିଲେ ନିଜର ଆତ୍ମବିଶ୍ୱାସ ବଢ଼ିବ । ଫଳରେ କୌଣସି ନିଷ୍ପତ୍ତି ନେବା ତୁମ ପାଇଁ ସହଜ ହୋଇଯିବ । ଏହି ସହଜ ଉପାୟ ଦ୍ୱାରା ତୁମେ ନିଜର ଡିସିସନ୍ ମେକିଂ ସ୍କିଲ୍‌କୁ ବହୁତ ସହଜରେ ସୁଧାରି ପାରିବ ।





## ଏମାନେ କ'ଣ କରନ୍ତି ..

### ଭାବିଚିନ୍ତି ନିଷ୍ପତ୍ତି ନିଏ



କୌଣସି କ୍ଷେତ୍ରରେ ନିଷ୍ପତ୍ତି ନେବା ସମୟରେ ଆଦୌ ତରବର ହୋଇ ନ ଥାଏ । ପ୍ରଥମେ କଥାଟିକୁ ଭଲ ଭାବରେ ବୁଝେ । ଯଦି ମନରେ କିଛି ସନ୍ଦେହ ଥାଏ, ତେବେ ତାହାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବାକୁ ଚେଷ୍ଟା କରେ । ଆବଶ୍ୟକ ପଡିଲେ ଗୁରୁଜନଙ୍କ ସହଯୋଗ ଲୋଡିଥାଏ । ନିଷ୍ପତ୍ତି ନେବାବେଳେ ମନକୁ ସ୍ଥିର ରଖେ । କାରଣ ଏହାଦ୍ୱାରା ଜଣେ ଠିକ୍ ନିଷ୍ପତ୍ତି ନେଇପାରିବ । ମୁଁ ଭଲଭାବରେ ଜାଣିଛି ଯେ କୌଣସି ନିଷ୍ପତ୍ତି ନେଲେ ତାହାର ପ୍ରଭାବ ଭବିଷ୍ୟତ ଉପରେ ପଡିଥାଏ । ତେଣୁଁ ମନକୁ ସ୍ଥିର ରଖିବାକୁ ଚେଷ୍ଟା କରେ ।

-***ଆୟୁଷ୍ମାନ୍ ମହାନ୍ତି***, କ୍ଲାସ୍-୯, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ

### ଆଦୌ ତରବର ହୁଏନା



ମୁଁ କୌଣସି ନିଷ୍ପତ୍ତି ନେବା ସମୟରେ ଆଦୌ ତରବର ହୁଏନା । ଏକଦା ତରବର ହୋଇ ଏକ ଭୁଲ ନିଷ୍ପତ୍ତି ନେଇ ତାହାର ଫଳ ଭୋଗି ସାରିଛି । ତେଣୁ ଯେ କୌଣସି କ୍ଷେତ୍ରରେ ନିଷ୍ପତ୍ତି ନେବା ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରି ଆଗକୁ ବଢ଼ିଥାଏ । ଏହି ସମୟରେ ଯେତେ ସମ୍ଭବ ମୋ ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରେ । ଆଉ ନିଷ୍ପତ୍ତି ନେବା ସମୟରେ କେହି ମୋତେ କିଛି ପରାମର୍ଶ ଦେଲେ ତାହାକୁ ଗ୍ରହଣ କରିବା ପୂର୍ବରୁ ଭଲ ଭାବରେ ତର୍ଜମା କରିବାକୁ ଭୁଲି ନ ଥାଏ ।


-***ଏମ୍.ଏସ୍. ଶ୍ରେୟାଲି ଦାସ,***
*କ୍ଲାସ୍-୭, ଡିଏଭି ପବ୍ଲିକ୍ ସ୍କୁଲ୍, ଇଫକୋ,*
*ପାରାଦୀପ, ଜଗତ୍‌ସିଂହପୁର*



୧



୨



୩



୭



୪



୫



୬



୮



୧

**ସ୍ତୋତ୍ରୀ ଷଡ଼ଙ୍ଗୀ**

କ୍ଲାସ୍‌-୭, ହ୍ୱାଇଟ୍‌ ଫିଲ୍ଡ ଗ୍ଲୋବାଲ ସ୍କୁଲ, ବେଙ୍ଗାଲୁରୁ



୨

**ନଭନୀତ୍‌ କାମିଲା**

କ୍ଲାସ୍‌- ୪, ଶ୍ରୀ ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗୋପୀନାଥପୁର, ବାଲେଶ୍ୱର



୩

**ଆରଭ ଆଶୀର୍ବାଦ**

କ୍ଲାସ୍‌- ୩, କେନ୍ଦ୍ରୀୟ ବିଦ୍ୟାଳୟ, ଜଟଣୀ, ଖୋର୍ଦ୍ଧା



୪

**ହୃଦୟାଂଶୁ ଦାଶ**

କ୍ଲାସ୍‌- ୪, ବ୍ଲେଶ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ



୫

**ସାଇ ନମ୍ରତା ମହାପାତ୍ର**

କ୍ଲାସ୍‌- ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡା



୬

**ସୁଦୀକ୍ଷା ମିଶ୍ର**

କ୍ଲାସ୍‌-୧, ମିଶନ୍‌ ସ୍କୁଲ, ଜଟଣୀ, ଖୋର୍ଦ୍ଧା



୭

**ଶୁଭଶ୍ରୀ ଦାଶ**

କ୍ଲାସ୍‌-୫, ସାରଗନ୍‌ ପ୍ରାଇମେରୀ ସ୍କୁଲ, ବାଲେଶ୍ୱର



୮

**ଅଦ୍ୱିକ୍ର ସ୍ୱାଇଁ**

କ୍ଲାସ୍‌-୪, ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ, ଶିଖରପୁର, କଟକ



# କିବିତା

## ମମତାରେ କୋଳାକୋଳି

ଆନନ୍ଦ ମନରେ ସର୍ବେ ଗୀତ ଗାଉ
ଜହ୍ନ ପରି ସଫା ମନ,
ସପନ ଦେଖୁଛୁ ମଣିଷ ହେବାକୁ
କାହାକୁ ନ ମଣି ହୀନ ।।
ଗୁରୁଜୀଙ୍କ କଥା ମାନି ଚଳି ଆମେ
ନିତି ବିଦ୍ୟାଳୟ ଯିବୁ,
ବିଦ୍ୟାଳୟେ ଗୁରୁ ଯାହା ପଢାଇବେ
ମନଦେଇ ଶୁଣୁଥିବୁ ।।
ଦୂର ଆକାଶକୁ ଉଡିଯିବୁ ଆମେ
ଉଡାଜାହାଜରେ ଚଢ଼ି,
ଦେଶ, ବିଦେଶର ନାନା କଥା ଆମେ
ବହିରୁ ଜାଣିଛୁ ପଢ଼ି ।।
ଆମେ ଛୋଟ ପିଲା ନିତି ଖେଳ ଖେଳୁ
ହସୁ ଆମେ ଖିଲିଖିଲି,
ପରକୁ ଆପଣା କରୁ ଆମେ ସଭେଁ
ମମତାରେ କୋଳାକୋଳି ।।

**– କନ୍ଦର୍ପ ବେହେରା**
କବି କୁଟିର, ରେଢାଖୋଲ, ସମ୍ବଲପୁର
ମୋ: ୭୦୭୭୫୭୯୩୧୭

## ଚଳନ୍ତି ଦେବତା

ମାତା ପିତା ଆମ ଚଳନ୍ତି ଦେବତା
ଘର ଆମ ସ୍ୱର୍ଗପୁରୀ
ରଖିବା ଦୁଇଙ୍କୁ ମାନ ସନମାନେ
ହୃଦେ ଭକ୍ତି ଭାବ ଭରି
ସେନେହି ମାଆର ପଣତ କାନିର
ଆଢୁଆଳେ ଥିଲେ ରହି
ଆସୁ ଯେତେ ଦୁଃଖ ଘାତ ପ୍ରତିଘାତ
ପଶି ନ ପାରିବେ କେହି
ମନ ଗହନରେ ଆଦର ମମତା
ଅନୁରାଗ ଥାଏ ଲୁଚି
ହାତର କଅଁଳ ପରଶ ପାଇଲେ
ବାଧା ବ୍ୟଥା ଯାଏ ଘୁଞ୍ଚି
ବାପାଙ୍କର ହାତ ରହିଲେ କାନ୍ଧରେ
ନ ଥାଏ ମନରେ ଭୀତି
ଝରୁ ଥାଇ ଶୁଭ ଆଶିଷର ଝର
ଅବିରତ ଆମ ପ୍ରତି
ମାତା ପିତା ଆମ ଚଳନ୍ତି ଦେବତା
ତାଙ୍କ ସମ ନାହିଁ କେହି
ମନ ପ୍ରାଣ ଦେଇ ସେବା କରୁଥିବା
ଦିବାନିଶି ପାଦ ଧ୍ୟାୟୀ

**– ସୁହଂସ ଭୋଇ**
ପହଣ୍ଡି, ବିଜେପୁର, ବରଗଡ
ମୋ: ୯୪୩୭୫୨୨୪୫୫

## ନାଆଁଟି ମୋହର ଘଡ଼ି

ଟିକ୍ ଟିକ୍ ଟିକ୍ ଶବଦ କରେ ମୁଁ
ନାଆଁଟି ମୋହର ଘଡ଼ି,
ଢଙ୍ଗ ଢଙ୍ଗ ଢଙ୍ଗ ବାଜଇ ଯେବେ ମୁଁ
ସମୟ ଯାଆଇ ବଢି ।
କାହାକୁ ଯେ କେବେ ଅପେକ୍ଷା କରିନି
ଜୀବନରେ ପରା ମୋର,
ସଭିଙ୍କ ସାଥିରେ ବଡ଼ ଶରଧାରେ
ବାନ୍ଧିଛି ସେନେହ ଡୋର ।
ରଙ୍ଗ ବେରଙ୍ଗର ଗଢ଼ା ମୋ ଶରୀର
ଦିଶଇ ସୁନ୍ଦର ଭାରି,
ବଳ ଥିବାଯାଏ ଚାଲେ ଅବିରତ
ଯାଏନାହିଁ କେବେ ହାରି ।
ମୋ ପାଇଁ ସଭିଏ ଜାଣନ୍ତି ସମୟ
କରନ୍ତି ନିଜର କାମ,
ନେତା ଅଫିସର ଛାତ୍ରୀଛାତ୍ର ଗଣ
ଆଗ ନିଅନ୍ତି ମୋ ନାମ ।
ଅନୁରୋଧ କରେ ସମସ୍ତଙ୍କୁ ମୁହିଁ
ବ୍ୟବହାର କର ମୋତେ,
କ୍ଷତି କିଛି କେବେ ହେବନି କାହାର
ବନ୍ଧୁଭଳି ଥିବି ସତେ ।

**– ଧୀରେନ୍ଦ୍ର ମଲ୍ଲିକ**
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର,
ମୋ: ୭୯୦୪୩୯୨୬୮୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# କହୁଣିରେ ଭାଙ୍ଗିଲେ ଅଣ୍ଡା

ଅଣ୍ଡାକୁ ଭାଙ୍ଗି ସିଧାସଳଖ ତାୱାରେ ପକାଇବା ନିଶ୍ଚିତଭାବେ ଏକ ସୂକ୍ଷ୍ମ କାମ । ଏଭଳି କରିବା ପାଇଁ ହେଲେ ବେଶ୍ ସତର୍କ ହୋଇ କରିବାକୁ ହୁଏ । ତେବେ ଏହି ଅଣ୍ଡା ଭାଙ୍ଗିବାର ଏକ ଷ୍ଟାଇଲ୍‌କୁ ନେଇ ରେକର୍ଡ କରିଛନ୍ତି ଇଟାଲିର ମାରିଓ ଲାମପୁଗ୍‌ନାନୀ । ସେ ତାଙ୍କର ଦୁଇ କହୁଣିରେ ଅଣ୍ଡାକୁ ଭାଙ୍ଗି ରେକର୍ଡ କରିଛନ୍ତି । ମାତ୍ର ୧ ମିନିଟ୍ ମଧ୍ୟରେ ଏଭଳି ଭାବରେ ସେ ୫୨ଟି ଅଣ୍ଡା ଭାଙ୍ଗି ପାରିଛନ୍ତି । ଅଣ୍ଡା ଭାଙ୍ଗିବା ପାଇଁ ସବୁ ଅଣ୍ଡାକୁ ଅଲଗା ଅଲଗା କରି ଏକ ଧାଡିରେ ରଖାଯାଇଥିଲା । ତେଣୁ ସବୁ ଅଣ୍ଡାକୁ ସେ ଥର ଥର କରି ଖୁବ୍‌ଶୀଘ୍ର ଭାଙ୍ଗି ପାରିଥିଲେ । ତେବେ ଏଭଳି କରିବା ପାଇଁ ସେ ଅନେକ ଦିନରୁ ଅଭ୍ୟାସ ବି ଚଳାଇଥିଲେ । ୨୦୨୪ ଫେବୃଆରୀରେ ସେ ଏକ ପ୍ରତିଯୋଗିତାରେ ଭାଗ ନେଇ ଏଭଳି ପ୍ରଦର୍ଶନ କରିଥିଲେ ।

## ଏଥରର ?

- ଆଜାଦ ହିନ୍ଦ୍ ଫୌଜ କେଉଁଠାରେ ଗଠନ ହୋଇଥିଲା ?
- ଗୁପ୍ତ ବଂଶର କେଉଁ ଶାସକଙ୍କୁ ଭାରତର ନେପୋଲିୟନ୍ ବୋଲି କୁହାଯାଏ ?
- 'ଆଇନ-ଇ-ଆକବରୀ' କିଏ ରଚନା କରିଛନ୍ତି ?
- ଭାରତୀୟ ସମ୍ବିଧାନ ସର୍ବସମ୍ମତିକ୍ରମେ କେବେ ଗୃହୀତ ହୋଇଥିଲା ଓ କେବେ ଲାଗୁ କରାଯାଇଥିଲା ?
- କେଉଁ କମିଟି ଭାରତରେ ପଞ୍ଚାୟତିରାଜ ଆରମ୍ଭ କରିବା ପାଇଁ ସୁପାରିସ କରିଥିଲା ?

## ଗତଥରର ଉତ୍ତର

- ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟ
- ପଶ୍ଚିମବଙ୍ଗ
- ଆଫଗାନୀ
- ହୁଏନ୍ ସାଂ
- ଚନ୍ଦ୍ରଗୁପ୍ତ ମୌର୍ଯ୍ୟ



## କହିଲ ଦେଖି

ଚାରି ଅକ୍ଷରରେ ନାମଟି ତା'ର
ଜିଲା ବୋଲି ତାକୁ କୁହନ୍ତି ନର
ଆଗପଛ ଲିଭାଇଲେ ତାହାର
ବଳକା ରହିବ ଯେଉଁ ଅକ୍ଷର
ପଢିଲେ ଜାଣିବ ନାମ ପକ୍ଷୀର
ସେ ପକ୍ଷୀ ଅଟଇ ଧଳା ରଙ୍ଗର
କହିଲ ଦେଖି କେ ନାମ ତାହାର ?

ଉତ୍ତର – **ଦେବଗଡ଼**



ଚାରି ଅକ୍ଷରରେ ନାମ ଅଟଇ
ଉପଖଣ୍ଡ ବୋଲି ଜାଣେ ବାଟୋଇ
ଆଗ ପଛ ବର୍ଣ୍ଣ ଦେଲେ ହଟେଇ
ଚୋର ଅନ୍ୟ ନାମ ଜାଣ ନିତେଇ
ତା'ର ନାମ ଯିଏ ଦେବ ବତେଇ
ଦେଖା ହେଲେ ଦେବି ଗୋଟେ ମିଠେଇ ।

ଉତ୍ତର – **ଆଠଗଡ଼**




ତିନି ଅକ୍ଷରରେ ନାମଟି ତା'ର
ଜିଲା ବୋଲି ତାକୁ କହନ୍ତି ନର
ଓଡ଼ିଶାର ସିଏ ବଡ ସହର
ଆଗରୁ ପଛରୁ ଯେମିତି ପଢିଲେ
ଫରକ ହୁଏନି ନାଆଁଟି ତା'ର
କହିଲ ଦେଖି କେ ନାମ ତାହାର ?

ଉତ୍ତର– **କଟକ**



ଦୁଇ ଅକ୍ଷରରେ ନାମଟି ତା'ର
ଜିଲା ବୋଲି ଜାଣିଥାଆନ୍ତି ନର
ବଡଠାକୁରଙ୍କ ଏଇଠି ଘର
ସମୁଦ୍ର କୂଳରେ ଅଛି
ଯିଏ କହିଦେବ ଏ ଜିଲାର ନାମ ?
ପାଇବ ଆଶିଷ କିଛି ।

ଉତ୍ତର – **ପୁରୀ**



**– ଦୀନବନ୍ଧୁ ପୋଇ**
ଗୋରଡ଼ା ପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

# ପାଟିବାଟେ ଛୁଆ ଜନ୍ମ କରୁଥିବା ପ୍ରାଣୀ


ସମଗ୍ର ପୃଥିବୀରେ ବିଭିନ୍ନ ପ୍ରକାର ତଥା ବିଚିତ୍ର ପ୍ରାଣୀ ଦେଖିବାକୁ ମିଳିଥାଆନ୍ତି। ମଣିଷ ପରି ପ୍ରାଣୀମାନେ ମଧ୍ୟ ସେମାନଙ୍କର ବଂଶ ବିସ୍ତାର କରନ୍ତି। ବିଭିନ୍ନ ଜୀବର ଶାରୀରିକ ସଂରଚନା ଭିନ୍ନଭିନ୍ନ। କେତେକ ପ୍ରାଣୀ ସ୍ଥଳଭାଗ, କେତେକ ଜଳଭାଗ, ପୁଣି କେତେକ ଉଭୟଚର ଭାବରେ ପରିଚିତ। ପୃଥିବୀପୃଷ୍ଠରେ ଅନେକ ପ୍ରଜାତିର ବେଙ୍ଗ ଅଛନ୍ତି। ସେମାନଙ୍କ ମଧ୍ୟରୁ 'ଗ୍ୟାଷ୍ଟ୍ରିକ୍ ବ୍ରୁଡିଙ୍ଗ ଫ୍ରଗ୍' ପ୍ରଜାତି ସମ୍ପୂର୍ଣ୍ଣ ଭିନ୍ନ। କାରଣ ଏମାନଙ୍କ ଜନ୍ମ କରିବାର ପ୍ରକ୍ରିୟା ସ୍ୱତନ୍ତ୍ର। ଏମାନେ ଅଣ୍ଡା ଦେବା ପରେ ଏହାକୁ ଗିଳି ଦିଅନ୍ତି। ଅଣ୍ଡା ଉପରେ ଲାଗିଥିବା ସ୍ୱତନ୍ତ୍ର କେମିକାଲ ପେଟ ଭିତରକୁ ଯାଇ ବେଙ୍ଗକୁ ଗ୍ୟାସ୍ଟ୍ରିକ୍ ଏସିଡ୍‌ଠାରୁ ରକ୍ଷା କରିଥାଏ। ଅଣ୍ଡା ମଧ୍ୟରୁ ପିଲା ବାହାରିବା



ପର୍ଯ୍ୟନ୍ତ ତାହା ପେଟରେ ରହିଥାଏ। ପୁଣି ଯେତେବେଳେ ଛୁଆ ଜନ୍ମ ନିଅନ୍ତି, ମା'ର ପାଟି ବାଟ ଦେଇ ବାହାରକୁ ଆସିଥାନ୍ତି। ଏଭଳି ବୈଚିତ୍ର୍ୟ ପାଇଁ ଗ୍ୟାଷ୍ଟ୍ରିକ୍ ବ୍ରୁଡିଙ୍ଗ ଫ୍ରଗ୍ ବେଶ୍ ପରିଚିତ।

# ଗୋଟିଏ ରାଜ୍ୟ ଦୁଇଟି ରାଜଧାନୀ

ସାଧାରଣତଃ ଗୋଟିଏ ରାଜ୍ୟର ଗୋଟିଏ ରାଜଧାନୀ ଥାଏ। କିନ୍ତୁ ଆମ ଦେଶରେ ଏଭଳି କେତୋଟି ରାଜ୍ୟ ରହିଛି, ଯେଉଁଠି ଦୁଇଟି ରାଜଧାନୀ ଦେଖିବାକୁ ମିଳିଥାଏ। ପୁଣି ଏବେ ଆସାମ ରାଜ୍ୟ ସରକାର ଏହି ରାଜ୍ୟରେ ଆଉ ଏକ ରାଜଧାନୀ ସ୍ଥାପନ କରିବାକୁ ଯୋଜନା କରୁଛନ୍ତି। ଗୋଟିଏ ରାଜ୍ୟ, ଦୁଇଟି ରାଜଧାନୀ ତାଲିକାରେ ରହିଛି ହିମାଚଳ ପ୍ରଦେଶ। ପ୍ରାକୃତିକ ସବୁଜିମାରେ ଭରପୂର ଏହି ରାଜ୍ୟର ରାଜଧାନୀ ହେଉଛି ଶିମ୍‌ଲା। କିନ୍ତୁ ଶୀତଋତୁରେ ଏହି ରାଜ୍ୟର ରାଜଧାନୀ ଆଉ ଏକ ସ୍ଥାନରେ ଦେଖିବାକୁ ମିଳେ। ତାହା ହେଲା ଧର୍ମଶାଳା। ସେହିପରି ଆଉ ଏକ ରାଜ୍ୟ ହେଉଛି ଉତ୍ତରାଖଣ୍ଡ। ପାହାଡ଼ ପର୍ବତରେ ପରିପୂର୍ଣ୍ଣ ଏହି ରାଜ୍ୟର ରାଜଧାନୀ ହେଉଛି ଡେରାଡୁନ୍। କିନ୍ତୁ ଭରାରିସେଣ ହେଉଛି ଏହି ରାଜ୍ୟର ଏକ ଅସ୍ଥାୟୀ ରାଜଧାନୀ। ଏହି ତାଲିକାରେ ମହାରାଷ୍ଟ୍ରର ନାମ ମଧ୍ୟ ରହିଛି। ମାୟାନଗରୀ ଭାବରେ ପରିଚିତ ମୁମ୍ବାଇ ହେଉଛି ଏହାର ରାଜଧାନୀ। କିନ୍ତୁ ଶୀତଋତୁରେ ଏହାର ରାଜଧାନୀ ଭାବରେ ନାଗପୁରକୁ ଗଣନା କରାଯାଏ। ଧାରା ୩୭୦ ଉଚ୍ଛେଦ ହେବା ପରେ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ ଭାବରେ ଘୋଷଣା କରାଯାଇଛି। ଏହାର ମଧ୍ୟ ଦୁଇଟି ରାଜଧାନୀ ରହିଛି। ତାହା ହେଲା ଲେହ ଏବଂ କାର୍‌ଗିଲ୍।



# କୁହୁଡ଼ି ହେଲେ ସାମ୍ନା ବସ୍ତୁ ଦିଶେନି



ସକାଳୁ ସକାଳୁ ସ୍କୁଲ୍ ଯିବା ପାଇଁ କାଳିଆ ବାହାରି ପଡ଼ିଲା। ସେ ସରସ୍ୱତୀ ଶିଶୁ ମନ୍ଦିର ବରଦାର ଜଣେ ଆଗ୍ରହୀ ଛାତ୍ର। ଜାଣିବାର ଆଗ୍ରହ ଯୋଗୁଁ ତାକୁ ଅନେକ ଗୁରୁଜୀ ଗୁରୁମା' ଭଲପାଆନ୍ତି। ଘର ପାଖରୁ ତାଙ୍କ ସ୍କୁଲ ଗୋଟାଏ କିଲୋମିଟର ଦୂର। ସକାଳୁ ସକାଳୁ ପ୍ରତିଦିନ ପରି ସ୍କୁଲ୍ ଯିବା ପାଇଁ ବାପାଙ୍କ ସାଇକେଲରେ ବସିପଡ଼ିଲା କାଳିଆ। ଶୀତଦିନ। ଚାରିଆଡ଼େ କୁହୁଡ଼ି ମାଡ଼ି ଯାଇଥାଏ। ସାମ୍ନାରେ ଥିବା କୌଣସି ଜିନିଷ ଭଲ ଭାବରେ ଦିଶୁ ନ ଥାଏ। ପ୍ରାୟ ଅଧ କିଲୋମିଟର ଗଲା ପରେ ହଠାତ୍ ଜଣେ ଲୋକ ରାସ୍ତାକଡ଼ରେ ନିଜ ସାଇକେଲ ସହ ପଡ଼ିଥିବାର ଦେଖିଲା କାଳିଆ। ବୋଧହୁଏ କେଇ ମିନିଟ ପୂର୍ବରୁ କେହି ଜଣେ ଦୁର୍ଘଟଣା କରି ଚାଲିଯାଇଛି। ସାଇକେଲଟି ପାଖରେ ପଡ଼ିଛି ଏବଂ ସେ ସାମାନ୍ୟ ଆହତ ହୋଇ ରାସ୍ତା କଡ଼ରେ ପଡ଼ିଛି।

କାଳିଆର ବାପା ସାଇକେଲ ରଖି ଓହ୍ଲେଇ ପଡ଼ି ଲୋକଟିକୁ ଉଠାଇଲେ। କାଳିଆ ସଙ୍ଗେ ସଙ୍ଗେ ନିଜ ବ୍ୟାଗ୍‌ରୁ ପାଣି ବୋତଲ କାଢ଼ି ତାକୁ ପିଇବାକୁ ଦେଲା। କିଛି ପାଣି ତା' ମୁହଁରେ ଛାଟି ଦେଲା। ଲୋକଟି ଚେତା ପାଇ ଉଠି ବସିଲା। ପଚାରିବାରୁ କହିଲା : ଜଣେ ଗାଡ଼ିବାଲା ମୋତେ ପଛରୁ ପିଟିଦେବାରୁ ମୁଁ ଛିଟିକି ପଡ଼ିଲି। ମୁଁ ଏବେ ଠିକ୍ ଅଛି, ଆପଣ ଯାଆନ୍ତୁ।

ସେଦିନ କାଳିଆ ଟିକେ ସ୍କୁଲରେ ବିଳମ୍ବରେ ପହଞ୍ଚିଲା। ବିଳମ୍ବର କାରଣ ଗୁରୁଜୀଙ୍କୁ ଜଣାଇ ଶ୍ରେଣୀ ଗୃହକୁ ଗଲା। ସେତେବେଳକୁ ବିଜ୍ଞାନ ଗୁରୁଜୀ ପାଠ ପଢ଼ାଉଥାନ୍ତି। କାଳିଆ କିଛି ସମୟ ଧୀର ସ୍ଥିର ହୋଇ ବସି ରହିଲା। ଆଜି ତା'ର ସ୍ଥିର ସ୍ୱଭାବ ଦେଖି ଗୁରୁଜୀ ପଚାରିଲେ : କ'ଣ ହେଲା କାଳିଆ ? କ'ଣ କିଛି କହିବାର ଅଛି ?

କାଳିଆ ସଙ୍ଗେ ସଙ୍ଗେ ପଚାରିଦେଲା: ଗୁରୁଜୀ "ଶୀତଦିନରେ କୁହୁଡ଼ି ହେଲେ ସାମ୍ନାରେ ଥିବା ବସ୍ତୁ ଭଲ ଭାବେ ଦିଶେନି କାହିଁକି ?"

ଗୁରୁଜୀ କହିଲେ, ବାଃ ଚମତ୍କାର ପ୍ରଶ୍ନଟିଏ। ପ୍ରଶ୍ନଟି ବି ବିଜ୍ଞାନଭିତ୍ତିକ। ତେବେ ଏହାର ଉତ୍ତର ଜାଣିବାକୁ ହେଲେ ଆମକୁ ପ୍ରଥମେ ଜାଣିବାକୁ ପଡ଼ିବ କୁହୁଡ଼ି କ'ଣ ?


ପିଲାମାନେ କୁହୁଡ଼ି ହେଉଛି ବାୟୁମଣ୍ଡଳରେ ଜଳୀୟବାଷ୍ପର ଏକ ପରିବର୍ତ୍ତିତ ଅବସ୍ଥା। ଶୀତଦିନେ ରାତିରେ ତାପ ବିକିରଣ ହେତୁ ପୃଥିବୀ ଥଣ୍ଡା ହେବା ସଙ୍ଗେ ସଙ୍ଗେ ବାୟୁର ତଳଭାଗ ଅଧିକ ଥଣ୍ଡା ହୋଇଯାଇ ତାପମାତ୍ରା ତଳକୁ ଖସିଯାଏ। ଫଳରେ ବାୟୁରେ ଥିବା ଜଳୀୟବାଷ୍ପ ଘନ ହୋଇଯାଇ ବାୟୁରେ ଥିବା ଧୂଳି, ଧୂଆଁ ସହ ମିଶି ସୂକ୍ଷ୍ମ ଜଳକଣା ଆକାରରେ ଭୂପୃଷ୍ଠରେ ଘୂରି ବୁଲେ। ବାୟୁମଣ୍ଡଳରେ ଜଳୀୟବାଷ୍ପର ଏ ପ୍ରକାର ପରିବର୍ତ୍ତିତ ଅବସ୍ଥାକୁ ଆମେ କୁହୁଡ଼ି ବୋଲି କହୁ।

ବିଜ୍ଞାନ ଦୃଷ୍ଟିକୋଣରୁ କୁହୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ହେଲା ବିକିରଣ କୁହୁଡ଼ି (Radiation fog), ଅନ୍ୟଟି ହେଲା ଅଭିବହନ କୁହୁଡ଼ି (Adection fog)। ଭୂପୃଷ୍ଠରେ ତାପ ବିକିରଣ ଫଳରେ ଯେଉଁ କୁହୁଡ଼ି ସୃଷ୍ଟି ହୁଏ, ତାକୁ ବିକିରଣ କୁହୁଡ଼ି ଏବଂ ଉଷ୍ମ ବାୟୁ ଓ ଶୀତଳ ବାୟୁର ମିଶ୍ରଣ ଯୋଗୁଁ ଯେଉଁ କୁହୁଡ଼ି ସୃଷ୍ଟି ହୋଇଥାଏ ତାକୁ ଅଭିବହନ କୁହୁଡ଼ି କୁହାଯାଏ। ଉଦାହରଣ ସ୍ୱରୂପ ଯେଉଁଠାରେ ସମୁଦ୍ରର ଉଷ୍ମ ସ୍ରୋତ ଓ ଶୀତଳ ସ୍ରୋତ ମିଳିତ ହୁଏ, ସେଠାରେ ଏହି ପ୍ରକାର କୁହୁଡ଼ି ସୃଷ୍ଟି ହୁଏ। ଉତ୍ତର ଆଟ୍‌ଲାଣ୍ଟିକ ମହାସାଗରର ଶୀତଳ ସ୍ରୋତ ଓ ଉପସାଗରୀୟ ଉଷ୍ମସ୍ରୋତର ମିଳନ ସ୍ଥାନରେ ଏହିଭଳି କୁହୁଡ଼ି ଅନୁଭୂତ ହୁଏ।

ଏବେ ପ୍ରଶ୍ନ ହେଉଛି କୁହୁଡ଼ି ଥିଲେ ଆମେ ସାମ୍ନା ବସ୍ତୁକୁ ଦେଖିପାରୁନୁ କାହିଁକି ? ପିଲାମାନେ ! ତମେମାନେ ଜାଣିଥିବ ଆଲୋକ ସ୍ୱଚ୍ଛବସ୍ତୁ ଉପରେ ପଡ଼ିଲେ ସେଥିରେ ଆଲୋକ ବିକିରଣ ହୋଇ ବସ୍ତୁଗୁଡ଼ିକ ଆମକୁ ସ୍ପଷ୍ଟ ଆଖିକୁ ଦିଶେ ଏବଂ ଅସ୍ୱଚ୍ଛ ବସ୍ତୁ ଉପରେ ପଡ଼ିଲେ ଆଲୋକ ବିକିରଣ ହୋଇ ନ ପାରି ବସ୍ତୁଗୁଡ଼ିକ ଭଲ ଭାବରେ ଆଖିକୁ ଦିଶେନି। ଅର୍ଥାତ୍ କୁହୁଡ଼ି ଥିବାବେଳେ ଯେତେବେଳେ ସୂର୍ଯ୍ୟ କିରଣ ପଡ଼େ, ସେତେବେଳେ ଧୂଳି, ଧୂଆଁ ଥିବା ଆସ୍ତରଣକୁ ଭେଦ କରି ଆଲୋକ ପହଞ୍ଚି ନ ପାରିବାରୁ ଆମକୁ ସାମ୍ନା ବସ୍ତୁ ଦେଖାଯାଏ ନାହିଁ। ଏବେ ସବୁ ବୁଝି ହେଲା !

ପିଲାମାନେ ଏକ ସ୍ୱରରେ କହିଲେ ହଁ ଗୁରୁଜୀ। ଗୁରୁଜୀ କହିଲେ: ତା'ହେଲେ ଆଜିର ଏ ପ୍ରଶ୍ନ କାଳିଆ ପାଇଁ ଗୋଟେ ବଡ଼ ଜୋରରେ ତାଳି ହୋଇଯାଉ। ଜାଣିବାର ଇଚ୍ଛା ଥିଲେ ବୁଦ୍ଧି ବିବେକ ଆପେ ଆପେ ଆସିଥାଏ।

*– ମୋହନ କୁମାର ସ୍ୱାଇଁ, ବେଣାପୁର, କଣ୍ଟିଗଡିଆ, ଯାଜପୁର, ୮୧୧୮୦୯୯୦୩୮*



# ଆ ଇ ନା

**ରୁଆନି ଦାଶ**
୮ ବର୍ଷ/ କଟକ





**ବି.ରୁଦ୍ରାଂଶ ପାତ୍ର**
୫ ବର୍ଷ/ବ୍ରହ୍ମପୁର